ଆରବିଆଇ/୨୦୦୬-୨୦୦୭/୩୧୮
ଆର୍.ପି.ସି.ଡି ନଂ.ସିଓ.ଆର୍ଏଫ୍.ବିସି.ନଂ. ୭୦/୦୭ ୩୮.୦୧/୨୦୦୬-୦୭

ଏପ୍ରିଲ ୧୨, ୨୦୦୭

ପ୍ରାପ୍ତେଷୁ
**ଅଧ୍ୟକ୍ଷ/ମୁଖ୍ୟ କାର୍ଯ୍ୟ ନିର୍ବାହୀ**
**ସମସ୍ତ ରାଜ୍ୟ ଓ ଜିଲ୍ଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ**

ମହାଶୟ,

**ଏକକ ଜମା ଖାତାରେ ନାମାଙ୍କନ ସୁବିଧା**

ଦୟାକରି ଉପରୋକ୍ତ ବିଷୟବସ୍ତୁ ଉପରେ ପର୍ଯ୍ୟବେସିତ ଜୁଲାଇ ୧୨, ୨୦୦୫ ତାରିଖର ଆମର ସକୁର୍ଲାର ଆରପିସିଡି.ସିଓ.ଆରଏଫ.ବିସି.ନଂ. ୧୨/୦୭.୩୮.୦୧/୨୦୦୫-୦୬ ଦେଖନ୍ତୁ ଯାହା ମଧ୍ୟରେ ନାମାଙ୍କନ ସୁବିଧା ଓ ସର୍ଭାଇଭରଶିପ୍ ଧାରାର ଲାଭ ସମ୍ପର୍କରେ ବ୍ୟାପକ ପ୍ରଚାର କରିବା ତଥା ଜମା ଖାତାଧାରୀଙ୍କୁ ଏହା ସମ୍ପର୍କରେ ଦିଗଦର୍ଶନ ଦେବା ପାଇଁ ବ୍ୟାଙ୍କମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଆମେ ଅନୁଭବ କରୁଛୁ ଯେ ଏ ସମ୍ପର୍କରେ ଆମର ଯଥାସମ୍ଭବ ପ୍ରୟାସ ସତ୍ତ୍ୱେ ବ୍ୟାଙ୍କମାନେ ଏବେ ମଧ୍ୟ ବିନା ନାମାଙ୍କନରେ ଏକକ ଜମା ଖାତା ଖୋଲୁଛନ୍ତି ।

୨. ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟରେ ଆସିଥିବା ଏକ ମାମଲାରେ, ମାନ୍ୟବର ଉଚ୍ଚ ନ୍ୟାୟାଳୟ ଏହା ସ୍ପଷ୍ଟ କରିଛନ୍ତି ଯେ 'ଏହା ଉପଯୁକ୍ତ ହେବ ଯଦି ଭାରତୀୟ ରିଜର୍ଭ ବ୍ୟାଙ୍କ ଏପରି ଏକ ନିର୍ଦ୍ଦେଶାବଳୀ ଜାରି କରିବ ଯାହାଦ୍ୱାରା ଜମାକର୍ତ୍ତାଙ୍କ ନାମାଙ୍କିତ ବ୍ୟକ୍ତିଙ୍କ ନାମ ବିନା ଜଣେ ବ୍ୟକ୍ତିଙ୍କ ନାମରେ କୌଣସି ଜମା ଖାତା ବା ସ୍ଥାୟୀ ଜମା ଖାତା ଖୋଲାଯାଇପାରିବ ନାହିଁ । ଏହା ନୀରିହ ବିଧବା ଓ ସନ୍ତାନମାନଙ୍କ ଦୁଃଖକୁ ଲାଘବ କରିବାରେ ନିଶ୍ଚିତ ଭାବେ ସହାୟକ ହେବ, ଯେଉଁମାନେ ଆଇନସମ୍ମତ ନିଜର ଅଧିକାର ପାଇବା ପାଇଁ ନ୍ୟାୟାଳୟର ନିଷ୍ପତ୍ତିକୁ ଦୀର୍ଘଦିନ ଧରି ଅପେକ୍ଷା କରିବାକୁ ବାଧ୍ୟ ହୋଇଥାନ୍ତି ।'

୩. ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖାଯାଇ ବ୍ୟାଙ୍କମାନଙ୍କୁ ଏହା ପରାମର୍ଶ ଦିଆଯାଉଛି ଯେ ସେମାନେ ଜମା ଖାତା ଖୋଲୁଥିବା ବ୍ୟକ୍ତିଙ୍କୁ ନାମାଙ୍କନ କରିବା ପାଇଁ ପ୍ରବର୍ତ୍ତାଇବେ । ଯଦି କୌଣସି କ୍ଷେତ୍ରରେ ଖାତା ଖୋଲୁଥିବା ବ୍ୟକ୍ତି ଏହା ପାଇଁ ମନା କରନ୍ତି ତେବେ ବ୍ୟାଙ୍କମାନେ ତାଙ୍କୁ ଏହାର ଲାଭ ଓ ଉପକାର ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇବେ । ତଥାପି ଯଦି ଖାତା ଖୋଲୁଥିବା ବ୍ୟକ୍ତି ନାମାଙ୍କନ କରିବା ପାଇଁ ରାଜି ନ ହୁଅନ୍ତି ତେବେ ବ୍ୟାଙ୍କ ତାଙ୍କୁ ଏକ ପତ୍ର ଦାଖଲ ପାଇଁ କହିବେ ଯାହା ମଧ୍ୟରେ ଏହା ଉଲ୍ଲେଖ ଥିବ ଯେ ସେ ନାମାଙ୍କନ କରିବା ପାଇଁ ଇଚ୍ଛୁକ ନୁହଁନ୍ତି । ଯଦି କୌଣସି କ୍ଷେତ୍ରରେ ଜମା ଖାତା ଖୋଲୁଥିବା ବ୍ୟକ୍ତି ପତ୍ର ଦେବା ପାଇଁ ମଧ୍ୟ ରାଜି ନ ହୁଅନ୍ତି ତେବେ ଏହି ତଥ୍ୟ ଖାତା ଖୋଲିବା ଫର୍ମରେ ଦର୍ଶାଇ ବ୍ୟକ୍ତି ଯଦି ଯୋଗ୍ୟ ହୋଇଥାନ୍ତି ତେବେ ଖାତା ଖୋଲାଯାଇପାରିବ । କୌଣସି ପରିସ୍ଥିତିରେ ମଧ୍ୟ, କେବଳ 'ବ୍ୟକ୍ତିଜଣକ ନାମାଙ୍କନ ପାଇଁ ମନା କରୁଛନ୍ତି' ଏହି କାରଣରୁ ବ୍ୟାଙ୍କମାନେ ଖାତା ଖୋଲିବାକୁ ମନା କରିପାରିବେ ନାହିଁ ।

୪. ଏକକ ସ୍ୱତ୍ୱାଧିକାରୀ ସତ୍ତାଙ୍କ ନାମରେ ଥିବା ଜମା ଖାତା ପାଇଁ ମଧ୍ୟ ଉପରୋକ୍ତ ପଦ୍ଧତିକୁ ଅନୁସରଣ କରିବା ପାଇଁ ବ୍ୟାଙ୍କମାନଙ୍କୁ ପରାମର୍ଶ ଦିଆଯାଉଛି ।

୫. ଦୟାକରି ପ୍ରାପ୍ତିସ୍ୱୀକାର ପତ୍ର ସଂପୃକ୍ତ ଆଞ୍ଚଳିକ କାର୍ଯ୍ୟାଳୟକୁ ପ୍ରେରଣ କରନ୍ତୁ ।

ଆପଣଙ୍କ ବିଶ୍ୱସ୍ତ,

**(ସି.ଏସ୍.ମୂର୍ତ୍ତୀ)**
ଭାରପ୍ରାପ୍ତ ମୁଖ୍ୟ ମହା ପ୍ରବନ୍ଧକ